# ଜାପାନିଜ୍ ଏନ୍‌ସେଫାଲାଇଟିସ୍ ଟୀକାକରଣ ଅଭିଯାନ ସମ୍ପର୍କରେ କର୍ମଶାଳା ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ।

ଅନୁଗୋଳ,ତା.୧୪.୧୧:- ଜାପାନିଜ୍ ଏନ୍‌ସେଫାଲଇଟିସ୍ ଭଳି ମାରାତ୍ମକ ରୋଗରୁ ରକ୍ଷା ପାଇବା ପାଇଁ ପ୍ରତିଶେଧକ ବ୍ୟବସ୍ଥା ଭାବେ ଟୀକାକରଣ ଅଭିଯାନ ଆସନ୍ତା କାଲି ଠାରୁ ଅନୁଗୋଳ ଜିଲ୍ଲାରେ ଆରମ୍ଭ ହେଉଛି । ଏହି ଅଭିଯାନ ୩ ସପ୍ତାହ ଧରି ଚାଲିବ ଓ ଏଥିରେ ଅନୁଗୋଳ ଜିଲ୍ଲାରେ ୩ଲକ୍ଷ ୮୧୮ ଜଣ ଶିଶୁଙ୍କୁ ଟୀକାକରଣ କରିବାର ଲକ୍ଷ୍ୟ ରଖାଯାଇଛି । ଏହି ଅଭିଯାନର ସଫଳତାକୁ ନେଇ ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜାତୀୟ ସ୍ୱାସ୍ଥ୍ୟ ମିଶନ ସଭାଗୃହ ଠାରେ ଏକ କର୍ମଶାଳା ଓ ସାମ୍ବାଦିକ ସମ୍ମିଳନୀ ଅନଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅମରେନ୍ଦ୍ରନାଥ ମହାନ୍ତି ଅଧ୍ୟକ୍ଷତା କରି ଏହି ଟୀକାକରଣ ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲ୍ଲାରେ ଏହି ଅଭିଯାନକୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଆସନ୍ତାକାଲି ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଠାରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବେ । ୧ ରୁ ୧୫ ବର୍ଷ ବୟସର ସମସ୍ତ ପିଲା ଏହି ଟୀକା ନେବେ । କୌଣସି ଜଣେ ହେଲେ ପିଲା ଯେପରି ଏଥିରୁ ବାଦ୍ ନ ପଡନ୍ତି ସେଥିପାଇଁ ସମସ୍ତ ବିଭାଗୀୟ କର୍ମକର୍ତ୍ତା ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଛନ୍ତି । ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର ମଙ୍ଗଳ ଓ ଟୀକାକରଣ)ଡା.ତ୍ରିଲୋଚନ ପ୍ରଧାନ ଏହି ଅଭିଯାନକୁ ଏକ ସ୍ୱତନ୍ତ୍ର ଢଙ୍ଗରେ କରାଯାଇ ଶତ ପ୍ରତିଶତ ପିଲାଙ୍କୁ ଟୀକାକରଣ କରାଯିବ ବୋଲି ପ୍ରକାଶ କରିଥିଲେ । ଏହି ଟୀକା ବାମ ହାତରେ ଦିଆଯିବ ଓ ଏଥିରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ ବୋଲି ସେ ପ୍ରକାଶ କରିଥିଲେ । ଓଡିଶାର ୧୭ଟି ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିବାର ସେ ସୂଚନା ପ୍ରଦାନ କରିଥିଲେ ।ଏହି ରୋଗରେ ପଡିଥିବା ଶିଶୁମାନେ ମୃତ୍ୟୁବରଣ କରନ୍ତି କିମ୍ବା ଦୀର୍ଘକାଳିନ ସ୍ନାୟୁବିକ ଦୁର୍ବଳତା ରୋଗରେ ପିଡିତ ହେବାର ସମ୍ଭାବନା ଥାଏ । ପ୍ରଥମେ ଗୋଟିଏ ମାତ୍ରା ଏହି ଟୀକାକରଣ ଅଭିଯାନରେ ଦିଆଯିବ । ପରେ ଏହି ଟୀକା ନିୟମିତ ଟୀକାକରଣ କାର୍ଯ୍ୟରେ ସାମିଲ କରାଯାଇ ଆଉ ୨ଟି ମାତ୍ରା ଦିଆଯିବ । ଆସନ୍ତା କାଲି ଠାରୁ ଆରମ୍ଭ ହେଉଥିବା ଏହି ଟୀକାରଣ ଅଭିଯାନରେ ୧୬୪୬ ଜଣ ଅଙ୍ଗନୱାଡି କର୍ମୀ, ୧୧୫୫ ଜଣ ଆଶା କର୍ମୀ, ୨୧୪ ଜଣ ଏ ଏନ୍ ଏମ୍ ଓ ୮୮ ଜଣ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ ହେବେ ବୋଲି ଡା.ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ । ଏହି ମାରାତ୍ମକ ରୋଗରେ ଆମ ରାଜ୍ୟରେ ୨୦୧୬ରେ ୨୪୨ ଜଣ ଆକ୍ରାନ୍ତ ହୋଇ ୩୯ ଜଣ ମୃତ୍ୟୁବରଣ କରିଥିବା ବେଳେ ୨୦୧୭ରେ ୭୯ ଜଣ ୨୦୧୮ରେ ୧୪୩ ଓ ୨୦୧୯ ଅଗଷ୍ଟ ସୁଦ୍ଧା ୧୩୦ ଜଣ ଆକ୍ରାନ୍ତ ହୋଇ କେହି ମୃତ୍ୟୁବରଣ କରିନାହାନ୍ତି । ପ୍ରକାଶଥାଉକି ରାଜ୍ୟର ମାଲକାନଗିରି ଜିଲ୍ଲାରେ ୨୦୦୪ ମସିହାରେ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ରୋଗର ପ୍ରାର୍ଦୁଭାବରେ ୧୦୩ ଜଣ ପିଲା ମୃତ୍ୟୁମୁଖରେ ପଡିଥିଲେ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୧୯୬୭ଟି ବିଦ୍ୟାଳୟରେ ୩ଲକ୍ଷ ୮୧୮ଜଣ ୧ ବର୍ଷରୁ ୧୫ ବର୍ଷର ପିଲାମାନଂକୁ ଏହି ଟୀକା ପ୍ରଦାନ କରାଯିବ । ଏହି ରୋଗ କିପରି ଜିଲ୍ଲାରେ ଦେଖା ନ ଦେବ ସେଥିପାଇଁ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପ୍ରଥମ ଥର ପାଇଁ ଜିଲ୍ଲାରେ ଏହି ପ୍ରତିଶେଧକ ଟୀକାକରଣ ଅଭିଯାନ ଆରମ୍ଭ ହେଉଥିବାରୁ ସବୁସ୍ତରରେ ବ୍ୟାପକ ସଚେତନତା ଉପରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ । ଏହି ଅଭିଯାନର ୨ୟ ପର୍ଯ୍ୟାୟରେ ଅଙ୍ଗନୱାଡି କେନ୍ଦ୍ର ଓ ବିଭିନ୍ନ ଗୋଷ୍ଠୀଗୁଡିକରେ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଟୀକାକରଣ ଅଭିଯାନ ଆସନ୍ତା ଡିସେମ୍ବର ମାସ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଶରତ ଚନ୍ଦ୍ର ସେଠୀ, ଜାତୀୟ ସ୍ୱାସ୍ଥ୍ୟ ମିଶନର DAM ଶ୍ରୀ ସପନ କୁମାର ପାତ୍ର, DAMRCA ଶ୍ରୀ ସୂର୍ଯ୍ୟ ପ୍ରତାପ ମହାମାନସିଂହଂକ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ବିଭାଗର କର୍ମକର୍ତ୍ତା ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଜିଲ୍ଲା ସ୍ୱାସ୍ଥ୍ୟ ମିଶନର ଡି ପି ଏମ୍ ଶ୍ରୀ ବିଶ୍ୱ ରଂଜନ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।


DISTRICT LEVEL MEDIA
BRIEFING WORKSHOP
ON JE CAMPAIGN
VENUE- DTU, ANGUL
DATE- 14TH NOVEMBER 2019
ORGANISED BY- ZILLA
THYA SAMITI, ANGUL